ଓଡ଼ିଶା ସରକାର

# ୧୯୯୪-୯୫ ବର୍ଷର ଆୟବ୍ୟୟ ଅଟକଳ (ଲେଖାନୁଦାନ) ଓଡ଼ିଶା ବିଧାନ ସଭାରେ ଉପସ୍ଥାପନ ଅବସରରେ

ଉପମୁଖ୍ୟମନ୍ତ୍ରୀ ତଥା

ଅର୍ଥ ମନ୍ତ୍ରୀ

## ଶ୍ରୀଯୁକ୍ତ ବସନ୍ତ କୁମାର ବିଶ୍ୱାଲଙ୍କର

## ଅଭିଭାଷଣ

ମାର୍ଚ୍ଚ ୨୪, ୧୯୯୪

ଅଧ୍ୟକ୍ଷ ମହାଶୟ,

ଏ ଗୃହରେ ଏକାଦଶ ବିଧାନ ସଭାରେ ସମବେତ ସଦସ୍ୟମାନଙ୍କ ସମକ୍ଷରେ ୧୯୯୫-୯୬ ଆର୍ଥିକ ବର୍ଷର ପ୍ରଥମ ଚାରିମାସ ଲାଗି ଲେଖା ଅନୁଦାନ ଦାବୀ ଉପସ୍ଥାପନ କରିବାର ସୁଯୋଗ ମୁଁ ପାଇଛି । ଏହି ଅବସରରେ ସର୍ବପ୍ରଥମେ ମୁଁ ମାନ୍ୟବର ସଦସ୍ୟମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ଏବଂ ରାଜ୍ୟର ସର୍ବବିଧ ଉନ୍ନତି ସାଧନ କରିବାଲାଗି ଆମ ସରକାରଙ୍କର ସକଳ ପ୍ରଚେଷ୍ଟାରେ ଦଳମତ ନିର୍ବିଶେଷରେ ସମସ୍ତଙ୍କର ଉଦାର ସହଯୋଗ କାମନା କରୁଛି । ରାଜ୍ୟବାସୀ ଆମ ଦଳ ଉପରେ ଆସ୍ଥା ରଖି ଆମମାନଙ୍କୁ ନିର୍ବାଚିତ କରି ଶାସନ କ୍ଷମତାରେ ଆସୀନ କରାଇଛନ୍ତି । ସେଥିପାଇଁ ମୁଁ ରାଜ୍ୟବାସୀଙ୍କୁ ବିନମ୍ର କୃତଜ୍ଞତା ଜଣାଉଛି । ସେମାନଙ୍କର ଆସ୍ଥାଭାଜନ ହୋଇ ରହିବା ଲାଗି ଆମ ସରକାର ପ୍ରତିଶ୍ରୁତିବଦ୍ଧ । ସେମାନଙ୍କର ଆଶା ଆକାଂକ୍ଷା ପୂରଣ କରିବାଲାଗି ସକଳ କ୍ଷେତ୍ରରେ ନିଷ୍ଠାପର ଉଦ୍ୟମ ଅବ୍ୟାହତ ରହିବ ।

୨। ମହାଶୟ, ୧୯୯୫-୯୬ ଆର୍ଥିକବର୍ଷ ପାଇଁ ସମ୍ପୂର୍ଣ୍ଣ ବଜେଟ୍ ଉପସ୍ଥାପନ କରିବା ସମ୍ଭବ ହେଉନାହିଁ । ତାହାର ମୁଖ୍ୟ କାରଣ ଗୁଡ଼ିକର ମୁଁ ସୂଚନା ଦେଉଛି ।

(କ) ୧୯୯୫-୯୬ ଆର୍ଥିକ ବର୍ଷ ଲାଗି ଦଶମ ଅର୍ଥ କମିଶନର ସୁପାରିଶଗୁଡ଼ିକୁ ଭାରତ ସରକାର ଗ୍ରହଣ କରିନେଇଛନ୍ତି । ଦଶମ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ପୂର୍ବରୁ ମିଳୁଥିବା ଅନୁଦାନ ଅପେକ୍ଷା ଆମ ରାଜ୍ୟକୁ ଅଧିକ ସମ୍ବଳ ମିଳିବା ଆଶା କରାଯାଏ । ଏହି ଅର୍ଥ କମିଶନର ପୂର୍ଣ୍ଣ ବିବରଣୀ ରାଜ୍ୟ ସରକାରଙ୍କୁ ଏ ପର୍ଯ୍ୟନ୍ତ ମିଳି ନାହିଁ । ଯାହା ଜଣାଯାଏ, ସରଗ୍ରଜ ହେଉ ବା ଶାସିତ ମୂଲ୍ୟର ଅଭିବୃଦ୍ଧି ହେଉ, ମୌଳିକ ଶୁଳ୍କ ସହିତ ଅନ୍ୟ ସମସ୍ତ ରାଜସ୍ୱକୁ ଏକତ୍ରିତ କରି ମୋଟ ରାଜସ୍ୱରୁ ରାଜ୍ୟମାନଙ୍କୁ ଦେୟ ଅନୁଦାନର ପରିମାଣ ନିରୂପିତ ହେବ ବୋଲି ଅର୍ଥ କମିଶନଙ୍କ

ସୁପାରିଶ ଭାରତ ସରକାର ଗ୍ରହଣ କରି ନେଇଛନ୍ତି । ଏତଦ୍‌ବ୍ୟତୀତ ଆମ ରାଜ୍ୟରେ ଭିତ୍ତିଭୂମିର ସ୍ୱଳ୍ପତା ଦୃଷ୍ଟିରୁ ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ଉଦ୍ଦେଶ୍ୟରେ ରାଜ୍ୟର ଅନୁଦାନର ପରିମାଣ ବୃଦ୍ଧି କରାଯିବ । ଏ ବିଷୟରେ ତଥ୍ୟମାନ ମିଳି ନ ଥିବାରୁ ୧୯୯୫-୯୬ ଆର୍ଥିକ ବର୍ଷ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତ କରାଯାଇପାରିନାହିଁ ।

(ଖ) ୧୯୯୫-୯୬ ଆର୍ଥିକ ବର୍ଷ ପାଇଁ ଯୋଜନା କମିଶନ ସହ ଆଲୋଚନା କରାଯାଇ ରାଜ୍ୟର ଯୋଜନା ସ୍ଥିର କରାଯାଇପାରିନାହିଁ । ଏଥିପାଇଁ ଆଉ କିଛି ସମୟ ଆବଶ୍ୟକ ।

(ଗ) ଆମ ସରକାରଙ୍କର ନୀତି ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବଜେଟ୍‌ରେ ଆବଶ୍ୟକ ବ୍ୟବସ୍ଥା କରିବାକୁ ହେବ । ଏହା ମଧ୍ୟ ସମୟସାପେକ୍ଷ ।

ଏହି ପରିସ୍ଥିତିରେ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ୧୯୯୫-୯୬ ଆର୍ଥିକ ବର୍ଷର ପ୍ରଥମ ଚାରିମାସର ବ୍ୟୟ ମଞ୍ଜୁରୀ ଲାଗି ମୁଁ ଏ ଗୃହରେ ଲେଖା ଅନୁଦାନ ପ୍ରସ୍ତାବ ଆଗତ କରୁଅଛି । ୧୯୯୫ ଏପ୍ରିଲ୍‌ରୁ ଜୁଲାଇ ପର୍ଯ୍ୟନ୍ତ ଆନୁମାନିକ ବ୍ୟୟ ୨୦୮୬.୮୬ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଏଥିମଧ୍ୟରୁ ରାଜସ୍ୱ ବ୍ୟୟ ୧୫୩୭.୪୪ କୋଟି ଟଙ୍କା ହେବ ।

୩। ମାନ୍ୟବର ରାଜ୍ୟପାଳ ତାଙ୍କର ଅଭିଭାଷଣରେ ରାଜ୍ୟର ସାମ୍ପ୍ରତିକ ଆର୍ଥିକ ସ୍ଥିତି ଓ ଆମ ସରକାରଙ୍କର ନୀତି ଓ କାର୍ଯ୍ୟକ୍ରମର ସୂଚନା ଦେଇ ସାରିଛନ୍ତି । ମୁଁ କେବଳ ଆମ ରାଜ୍ୟର ବର୍ତ୍ତମାନ ଆର୍ଥିକ ଦୂରାବସ୍ଥାର କେତେକ ଶୋଚନୀୟ ଦିଗ ପ୍ରତି ଏ ଗୃହର ଦୃଷ୍ଟି ଆକର୍ଷଣ କରୁଛି ।

୧୯୯୦-୯୧ ଠାରୁ ୧୯୯୩-୯୪ ପର୍ଯ୍ୟନ୍ତ ଚାରିବର୍ଷ ମଧ୍ୟରେ ରାଜସ୍ୱ ଆୟ ଅପେକ୍ଷା ରାଜସ୍ୱ ବ୍ୟୟ ଅତିମାତ୍ରାରେ ବୃଦ୍ଧି ପାଇଛି । ୧୯୯୦-୯୧ ରେ ରାଜସ୍ୱ ଆୟ ୨୧୭୦.୯୩ କୋଟି ଟଙ୍କା ଥିବା ବେଳେ ରାଜସ୍ୱ ବ୍ୟୟ ୨୧୯୦.୫୩ କୋଟି ଟଙ୍କା ହୋଇ ବର୍ଷ ଶେଷ ବେଳକୁ ନିଅଣ୍ଟ ପରିମାଣ

୧୯.୬୦ କୋଟି ଟଙ୍କା ହୋଇଥିଲା । ୧୯୯୧-୯୨ ରେ ରାଜସ୍ୱ ଆୟ ୨୪୪୭.୩୧ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ମାତ୍ର ରାଜସ୍ୱ ବ୍ୟୟ ୨୬୩୫.୦୨ କୋଟି ଟଙ୍କା ହେବାରୁ ନିଅଣ୍ଟ ପରିମାଣ ୧୮୭.୭୧ କୋଟି ଟଙ୍କା ହୋଇଥିଲା ଯାହାକି ପୂର୍ବ ବର୍ଷ ନିଅଣ୍ଟ ପରିମାଣର ପ୍ରାୟ ଦଶଗୁଣ ଥିଲା ।

୧୯୯୨-୯୩ ରେ ରାଜସ୍ୱ ଆୟ ୨୯୧୩.୧୬ କୋଟି ଟଙ୍କା ହେଲା ଓ ରାଜସ୍ୱ ବ୍ୟୟ ୩୦୪୮.୮୮ କୋଟି ଟଙ୍କାକୁ ବୃଦ୍ଧି ପାଇଲା । ବର୍ଷ ଶେଷରେ ନିଅଣ୍ଟ ଥିଲା ୧୩୫.୭୨ କୋଟି ଟଙ୍କା । ୧୯୯୩-୯୪ ରେ ରାଜସ୍ୱ ଆୟ ସାମାନ୍ୟ ବୃଦ୍ଧି ପାଇ ୩୨୦୭.୭୮ କୋଟି ଟଙ୍କା ହେଲାବେଳେ ରାଜସ୍ୱ ବ୍ୟୟ ପରିମାଣ ଅତ୍ୟଧିକ ବୃଦ୍ଧି ପାଇ ୩୪୮୨.୨୧ କୋଟି ଟଙ୍କା ହେଲା । ଏ ବର୍ଷ ନିଅଣ୍ଟ ପରିମାଣ ସର୍ବାଧିକ ୨୭୪.୪୩ କୋଟି ଟଙ୍କା ହେଲା । ୧୯୯୦-୯୧ ର ନିଅଣ୍ଟର ଏହା ୧୪ ଗୁଣ ହେଲା ।

ଏହି ଚାରି ବର୍ଷରେ ଅତ୍ୟଧିକ ରାଜସ୍ୱ ବ୍ୟୟ ଯୋଗୁଁ ମୋଟ ନିଅଣ୍ଟ ୬୧୭.୪୬ କୋଟି ଟଙ୍କା ହେଲା । ଏହାର ଶୋଚନୀୟ ପରିଣତି ହେଲା ଯେ ରାଜ୍ୟର ଉନ୍ନୟନମୂଳକ କାର୍ଯ୍ୟକ୍ରମ ଲାଗି ନିର୍ଦ୍ଦିଷ୍ଟ ଅର୍ଥ ବ୍ୟବସ୍ଥା ମଧ୍ୟରୁ ୬୧୭.୪୬ କୋଟି ଟଙ୍କା ରାଜସ୍ୱ ବ୍ୟୟରେ ଗଲା । ଏଥିରୁ ଏହା ପରିଷ୍କାରଭାବେ ଜଣାଯାଏ ଯେ ଏହାଦ୍ୱାରା ରାଜ୍ୟର ପ୍ରଗତି ବହୁଭାବରେ ବାଧାପ୍ରାପ୍ତ ହେଲା । ଅନ୍ୟଦିଗରେ ୧୯୯୦-୯୧ ଠାରୁ ୧୯୯୩-୯୪ ଚାରି ବର୍ଷ ମଧ୍ୟରେ ଯୋଜନା କାର୍ଯ୍ୟକ୍ରମ କରିବାରେ ବିଫଳତା ଯୋଗୁଁ ରାଜ୍ୟର ପ୍ରଗତି ଆହୁରି ଅଧିକ ବ୍ୟାହତ ହେଲା । ପ୍ରତିବର୍ଷ ଲାଗି ଯୋଜନା ବାବଦରେ ସମଧିକ ଅର୍ଥ ବ୍ୟବସ୍ଥା କରାଯାଇଥିଲେ ହେଁ ବର୍ଷ ମଧ୍ୟରେ ବାସ୍ତବରେ ସମ୍ପୂର୍ଣ୍ଣ ଅର୍ଥ ବିନିଯୋଗ କରାଯାଇନଥିଲା ।

୧୯୯୦-୯୧ ରେ ବାର୍ଷିକ ଯୋଜନା ଲାଗି ୧୨୫୦ କୋଟି ଟଙ୍କା ବ୍ୟବସ୍ଥା ଥିଲା । ମାତ୍ର ଉକ୍ତ ବର୍ଷ ୧୦୯୧.୪୨ କୋଟି ଟଙ୍କା ବିନିଯୋଗ କରାଗଲା ।

୧୯୯୧-୯୨ ରେ ବାର୍ଷିକ ଯୋଜନା ଲାଗି ୧୪୦୨ କୋଟି ଟଙ୍କା ଉଦ୍ଦିଷ୍ଟ ଥିଲା । ମାତ୍ର ବିନିଯୋଗ ହେଲା ୧୦୩୯.୭୮ କୋଟି ଟଙ୍କା ।

୧୯୯୨-୯୩ ରେ ବାର୍ଷିକ ଯୋଜନା ଲାଗି ୧୪୦୫ କୋଟି ଟଙ୍କା ମଧ୍ୟରୁ କେବଳ ୧୦୫୩.୩୪ କୋଟି ଟଙ୍କା ବ୍ୟୟ କରାଯାଇଥିଲା ।

୧୯୯୩-୯୪ ରେ ସେହିପରି ୧୪୫୦ କୋଟି ଟଙ୍କା ମଧ୍ୟରୁ ବିନିଯୋଗ କରାଗଲା ୧୦୯୫.୧୯ କୋଟି ଟଙ୍କା ।

ଏହି ଚାରିବର୍ଷ ମଧ୍ୟରେ ଯୋଜନା ଲାଗି ଉଦ୍ଦିଷ୍ଟ ଥିବା ଅର୍ଥ ମଧ୍ୟରୁ ଶତକଡ଼ା ୨୨ ବ୍ୟୟ କରାଯାଇ ପାରିନଥିଲା । ଗୋଟିଏ ଅନଗ୍ରସର ରାଜ୍ୟ ପକ୍ଷେ ଏହାର ପରିଣାମ ଦୀର୍ଘସ୍ଥାୟୀ ଅନଗ୍ରସରତା ।

୪ । ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ କରିବାରେ ଗତ ଚାରିବର୍ଷର ବ୍ୟର୍ଥତା ରାଜ୍ୟର ଦୁର୍ବଳ ଆର୍ଥିକ ସ୍ଥିତିକୁ ଆହୁରି ଦୁର୍ବଳ କରିଛି । ୧୯୮୯-୯୦ ଶେଷ ବେଳକୁ ରାଜ୍ୟର ଋଣ ଭାର ୩୮୭୧ କୋଟି ଟଙ୍କା ଥିଲା । ୧୯୯୪ ଶେଷ ବେଳକୁ ଏ ଋଣ ଭାର ୨ ଗୁଣରୁ ବୃଦ୍ଧି ପାଇ ୭୯୩୩ କୋଟି ଟଙ୍କାରେ ପହଞ୍ଚିଛି । ଋଣର ବୋଝ ତ ବଢ଼ିଛି, ସୁଧର ବୋଝ ମଧ୍ୟ ବଢ଼ିବାରେ ଲାଗିଛି ।

୫ । ଆମ ରାଜ୍ୟରେ ବିପୁଳ ପ୍ରାକୃତିକ ସମ୍ପଦ ଗଚ୍ଛିତ ଅଛି । ତାହା ସତ୍ତ୍ୱେ ରାଜ୍ୟର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସଂଖ୍ୟାରେ ଗତ କେତେ ବର୍ଷ ମଧ୍ୟରେ ପୁନର୍ବାର ବୃଦ୍ଧି ଘଟିଛି । ଆମ ସରକାର ଆର୍ଥିକ ସ୍ଥିତିକୁ ସୁଧାରି ନିଷ୍ଠାପର ଉଦ୍ୟମ କରି ବିଭିନ୍ନ କ୍ଷେତ୍ରରେ ଦ୍ରୁତ ବିକାଶମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ବଦ୍ଧ ପରିକର । ଏ ଦିଗରେ ମୁଁ ଏ ଗୃହର ମାନ୍ୟବର ସଦସ୍ୟମାନଙ୍କର ଆନ୍ତରିକ ସହଯୋଗ କାମନା କରୁଛି ।

ଜୟହିନ୍ଦ୍

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦